## ପ୍ରଧାନ ମନ୍ତ୍ରୀ- ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (PM-JANMAN)

- ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ୍.-ଜନମନ) ମିଶନ, ବିଶେଷତଃ ସମ୍ବେଦନଶୀଳ ଜନଜାତି ଗୋଷ୍ଠୀ (ପି. ଭି. ଟି. ଜି.) ପରିବାରଗୁଡ଼ିକର କଲ୍ୟାଣ କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ବାଧାକୁ ଦୂର କରିବା ପାଇଁ କାର୍ଯ୍ୟକାରୀ କରାଯାଇଛି। ପିଏମ୍.-ଜନମନ ଅଧୀନରେ ହେଉଥିବା ୧୧ଟି ପଦକ୍ଷେପ ମଧ୍ୟରୁ PVTG ପରିବାରମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ଅଧୀନରେ ପକ୍କା ଘର ଯୋଗାଇ ଦେବାର ବ୍ୟବସ୍ଥା ଅନ୍ୟତମ ।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣର ମାର୍ଗଦର୍ଶୀକାରେ ନିମ୍ନଲିଖିତ ପରିବର୍ତ୍ତନ ସହ, ପିଏମ୍.-ଜନମନ ମିଶନ ଅଧୀନରେ ଗୃହ ନିର୍ମାଣ ପଦକ୍ଷେପକୁ କାର୍ଯ୍ୟକାରୀ ହେଉଛି:
  - i. ପ୍ରଧାନମନ୍ତ୍ରୀ ଜନମନ ମିଶନ ଅଧୀନରେ ଗୃହ ମଞ୍ଜୁର ଯୋଜନାଟି ମାର୍ଚ୍ଚ ମାସ ୨୦୨୬ ମସିହା ଯାଏ କାର୍ଯ୍ୟକାରୀ ହେବ ଏବଂ କେବଳ PVTG ପରିବାର ପାଇଁ ଘର ନିର୍ମାଣର ଲକ୍ଷ୍ୟ ରଖାଯାଇଛି।
  - ii. କେନ୍ଦ୍ରର ଜନଜାତି କାର୍ଯ୍ୟ ମନ୍ତ୍ରଣାଳୟ (MoTA) ଦ୍ୱାରା ସୂଚିତ ଅଞ୍ଚଳର PVTG ପରିବାରମାନେ ଏଥିରେ ସାମିଲ ହେବେ।
  - iii. ପ୍ରଧାନମନ୍ତ୍ରୀ ଜନମନ ଅଧୀନରେ ନିମ୍ନ ଲିଖିତ ୨ଟି ସ୍ୱୟଂବହିଷ୍କାର ପ୍ରକ୍ରିୟା କାର୍ଯ୍ୟକାରୀ ହେଉଛି:

    କ. ପକ୍କା ଘର ଥିବା ପରିବାର

    ଖ. ପରିବାରର କୌଣସି ସଦସ୍ୟ ସରକାରୀ କର୍ମଚାରୀ ଥିବା ପରିବାର
- ପିଏମ୍.-ଜନମନ ଅଧୀନରେ ହିତାଧିକାରୀମାନଙ୍କୁ ୨ ଲକ୍ଷ ଟଙ୍କାର ଗୃହ ନିର୍ମାଣ ସହାୟତା ରାଶି, ଗୃହ ନିର୍ମାଣର ସ୍ତର ଅନୁଯାୟୀ କିସ୍ତିରେ ପ୍ରଦାନ କରାଯାଇଥାଏ ଓ ଏହା ସହ MGNREGS ଅଧୀନରେ ଅଣକୁଶଳୀ ଶ୍ରମିକ ମଜୁରୀ ଏବଂ SBM-G, MGNREGS, କିମ୍ବା ଅନ୍ୟ କୌଣସି ଉତ୍ସ ଅଧୀନରେ ଶୌଚାଳୟର ବ୍ୟବସ୍ଥା ରହିଛି।
- ଆମ ରାଜ୍ୟ ଓଡ଼ିଶାରେ, ଏହି ଯୋଜନାରେ ଗୃହ ମଞ୍ଜୁର ସମୟରେ ପ୍ରଥମ କିସ୍ତିରେ ୪୦,୦୦୦ ଟଙ୍କା, ପ୍ଲିନ୍ଥ ସ୍ତରରେ ପହଞ୍ଚିଲେ ଦ୍ୱିତୀୟ କିସ୍ତିରେ ୭୦,୦୦୦ ଟଙ୍କା, ଛାତ ପତନ ପହଞ୍ଚିଲେ ତୃତୀୟ କିସ୍ତିରେ ୫୦,୦୦୦ ଟଙ୍କା ଓ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ଚତୁର୍ଥ କିସ୍ତିରେ ୪୦,୦୦୦ ଟଙ୍କା, ଏହିପରି ସର୍ବମୋଟ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି ।